DOI : https://doi.org/10.5281/zenodo.15253348

ମୂଳ ପ୍ରବନ୍ଧ

# ଅଭିନୟର ପରିଧିରେ ଅଭିନୟ

**କିଶୋର ଚନ୍ଦ୍ର ମହାନ୍ତ**

**ସଂକ୍ଷିପ୍ତସାର :**

ସଂସାର ରୂପକ ରଙ୍ଗମଂଚରେ ବଂଚିବାକୁ ହେଲେ ପ୍ରତ୍ୟେକ ବ୍ୟକ୍ତିକୁ ଏକଏକ ଭୂମିକାରେ ଅଭିନୟ କରିବାକୁ ହୋଇଥାଏ। ଏହି ଅଭିନୟ ପୁଣି ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ଆବଧ ହୋଇ ରହିଥାଏ । ବ୍ୟକ୍ତିଟିଏ ନିଜର ଗୁଜୁରାଣ ମେଣ୍ଟାଇବାକୁ ଯାଇ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିଥାଏ । କେଉଁ ଭୂମିକାରେ ସେ ସଫଳ ହୋଇଥାଏ ତ ପୁଣି ଆଉ କେଉଁ ଭୂମିକାରେ ସେ ଅସଫଳ ମଧ୍ୟ ହୋଇଥାଏ। ନାୟକ ଦେବ ଆଚାର୍ଯ୍ୟଙ୍କୁ ଏକ ପ୍ରତିକାତ୍ମକ ଚରିତ୍ର ହିସାବରେ ଗ୍ରହଣ କରି ଦେଖାଯାଇଛି ଯେ ସେ ଜଣେ ତେଜରାତି ଦୋକାନୀରୁ ଆରମ୍ଭ କରି ଚାକର/ପୁଜାରୀ କାମ ,ଯାତ୍ରାପାର୍ଟିରେ ଅଭିନୟ କରି ଶେଷରେ ସ୍ୱାମୀ/ପିତା ର ଭୂମିକା ତୁଲାଇଛି । ଯାହା ଅନେକଙ୍କ ଜୀବନରେ ଏମିତି ଘଟିଥାଏ। କେତେକ ଦୃଷ୍ଟିଗୋଚର ହୋଇଥିବା ବେଳେ ଆଉ କେତେକ ଅଦୃଶ୍ୟ ହୋଇ ରହିଥାଏ ।

**ପ୍ରମୁଖ ଶବ୍ଦାବଳୀ :**

ଅଭିନୟ,ପରିଧୀ,ମରୁଡ଼ି,ଗ୍ରାମ,ଫେଶନ,ଗରାଖ,ପୂଜକ,ଅବଧାନ ।

ଏ ଦୁନିଆ ହେଉଛି ଏକ ରଙ୍ଗମଂଚ। ଏହି ରଙ୍ଗମଂଚରେ ଆମେ ସମସ୍ତେ ଜଣେ ଜଣେ ଅଭିନେତା। ଜନ୍ମ ହେବାଠାରୁ ଆମେ କାହାର ସନ୍ତାନ ରୂପେ ବିବେଚିତ ହୋଇଛେ ତ ପୁଣି କାହାର ଭାଇ କିମ୍ୱା ଭଉଣୀ, ପୁଣି କେତେବେଳେ କାହାର ସ୍ୱାମୀ ବା ସ୍ତ୍ରୀ, ବାପା ବା ମା। ଶେଷରେ ବାର୍ଦ୍ଧକ୍ୟ ସମୟରେ ଜେଜେବାପା, ଜେଜେମା, ଅଜା କିମ୍ୱା ଆଈ। ଏହିପରି ଭୂମିକାରେ ଅଭିନୟ କରି ପୁଣି ସଂସାରରୁ ବାହୁଡ଼ିବାକୁ ପଡ଼େ। ମଣିଷ ଯେବେଠାରୁ ସମାଜରେ ବଂଚିବାର ଶିଖିଲା ସେବେଠାରୁ ତାର ଅଭିନୟର ପରିସୀମା ବଢିବାକୁ ଲାଗିଲା। ମନୁଷ୍ୟର ଜୀବନ ଅଳୀକ ପାଣିଫୋଟକା ସଦୃଶ ଏଇ ଅଛି ଏଇ ନାହିଁ । ତଥାପି ଯେତେଦିନ ବଞ୍ଚିବାକୁ ହୋଇଥାଏ ସେତେଦିନ କୌଣସି ନା କୌଣସି ଭୂମିକାରେ ଅଭିନୟର ଦାୟିତ୍ୱ ତୁଲାଇବାକୁ ହୋଇଥାଏ। ଅଭିନୟ ପୁଣି ସମୟ ଓ ପରିସର ଅନୁଯାୟୀ ସୀମିତ ହେବାକୁ ପଡିଥାଏ। କାରଣ ଗୋଟିଏ ସମୟରେ ଜଣେ ଯେଉଁ ଭୂମିକାରେ ଥାଏ ତାହା କିଛିଦିନପରେ ଭୂମିକାର କ୍ଷେତ୍ର ମଧ୍ୟ ବଦଳି ଯାଇଥାଏ। ସେହିପରି ପରିସର ମଧ୍ୟ ସୀମିତ,ଏକ ନିର୍ଦ୍ଦିଷ୍ଟ ଅଂଚଳରେ ଜଣେ ଯେଉଁ ରୂପରେ ପରିଚିତ ଥାଏ ଅନ୍ୟ ଏକ ଅଂଚଳ ପାଇଁ ସେ ଭୂମିକା ଅପରିହାର୍ଯ୍ୟ ।

ଏହି ସଂସାରର ରଙ୍ଗମଂଚକୁ ଲକ୍ଷ୍ୟ କରି ଔପନ୍ୟାସିକ ରାମଚନ୍ଦ୍ର ବେହେରା ରଚନା କରିଛନ୍ତି ଅଭିନୟର ପରିଧି ଉପନ୍ୟାସ। ଯାହା ପାଠକ ମହଲରେ ଏକ ପ୍ରଭାବ ଶାଳୀ ଓ ପ୍ରଜ୍ଞାଉଦ୍ଦୀପକ ରଚନା ଭାବରେ ବିବେଚିତ ହୋଇଛି । ସେ ଏଠାରେ ଦେଖାଯାଉଛନ୍ତି ଯେ ଏକ ନିଛକ ମଫସଲ ଗାଁର ଚିତ୍ର ଦିନେ ଯେପରି ଥିଲା ତାହା କ୍ରମଶଃ କିପରି ବଦଳୁଛି । ପୁଣି ଏଠାରେ ଜଣେ ବ୍ୟକ୍ତି ନିଜର ଜୀବନ କାଳ

ଏହି ପ୍ରବନ୍ଧକୁ ଅନ୍‌ଲାଇନରେ ପଢିବାପାଇଁ ପ୍ରବେଶ କରନ୍ତୁ

Quick Response Code:

Available online at : https://pracheenews.com/

DOI: https://doi.org/10.5281/zenodo.15253348

Article No - BPP00291

**ଯୋଗାଯୋଗ : କିଶୋର ଚନ୍ଦ୍ର ମହାନ୍ତ,**
ସ୍ନାତକୋତର ଭାଷା ଓ ସାହିତ୍ୟ ବିଭାଗ
ଫକୀର ମୋହନ ବିଶ୍ୱବିଦ୍ୟାଳୟ,ନୂଆପାଢୀ,ବାଲେଶ୍ୱରି
**Email ID :** mohantakishorechandra9@gmail.com
**ORCID ID :** https://orcid.org/0009-0004-7696-8664

This is an open access journal, and articles are distributed under the terms of the Creative Commons Attribution Non Commercial Share Alike 4.0 License, which allows others to remix, tweak, and build upon the work non commercially, as long as appropriate credit is given and the new creations are licensed under the identical terms.

For reprints contact: *pracheepatrika@rediffmail.com*

| ପ୍ରାପ୍ତି | ସମୀକ୍ଷିତ | ଗୃହୀତ | ପ୍ରକାଶିତ |
|---|---|---|---|
| ୩.୧୦.୨୦୨୪ | ୧୦.୧୧.୨୦୨୪ | ୨୫.୧୨.୨୦୨୪ | ୧.୦୨.୨୦୨୫ |

ଏହି ପ୍ରବନ୍ଧକୁ କିପରି ଉଦ୍ଧୃତ କରିବେ : ମହାନ୍ତ, କିଶୋର ଚନ୍ଦ୍ର; ୨୦୨୫। ଅଭିନୟର ପରିଧିରେ ଅଭିନୟ। ବାସ୍ତବତାର ପରିପ୍ରକାଶ ପ୍ରାଚୀ। ଭାଗ :୧୧, ସଂଖ୍ୟା : କ, ପୃଷ୍ଠା :୭୦-୭୩।

ମଧ୍ୟରେ ସେ କେତେ ରୂପରେ ନିଜର ଭୂମିକା ନିର୍ବାହ କରୁଛି । ଘଟଣାଟି ବେଶୀ ଦିନର ନୁହେଁ ସ୍ୱାଧୀନତାର ଠିକ୍ କୋଡିଏ ପଚିଶ ବର୍ଷ ତଳର କଥା । ଏଭଳି ଏକ ଘଟଣା ଦେଖାଦେଇଛି ବଣଜଙ୍ଗଲ ଘେରା ପ୍ରାକୃତିକ ପରିବେଶ ଲେଖକଙ୍କ ନିଜ କେନ୍ଦୁଝରର ମହାଦେବପୁର ଗାଁରେ । ସେ ଏହି ଗାଁର ପରିସର ବା ପରିଧିକୁ ବାର କିଲୋମିଟର ଭାବରେ ଗ୍ରହଣ କରିଛନ୍ତି। ସେ ସ୍ଥାନଟି ଏପରି ଏକ ସ୍ଥାନ ଯାହାକୁ ପରିଚିତ କରିବାକୁ ହେଲେ ପୂର୍ବରେ ବାରକିଲୋମିଟର ଦୂରରେ ଘଟଗାଁ,ଦକ୍ଷିଣରେ ବାରକିଲୋମିଟର ଗଲେ ହରିଚନ୍ଦନପୁର ଓ ଉତର-ପଶ୍ଚିମକୁ ବାରକିଲୋମିଟର ଗଲେ ପଡେ ଢେଙ୍କିକୋଟ ।

ନାୟକ ଦେବ ଆଚାର୍ଯ୍ୟ ଏପରି ଜଣେ ବ୍ୟକ୍ତି ସେ ଗାଁର ବଡମାନଙ୍କୁ ସମ୍ମାନ ଦେବା ସହ ସାନମାନଙ୍କୁ ଆଦର କରିଥାଏ । ଗାଁ ପରିମଳ ଧୋବାତୁଠରୁ ଜଣାପଡିବା ଭଳି ମହାଦେବପୁର ଗାଁର ପରିଚୟ ମିଳେ ଦେବ ଆଚାର୍ଯ୍ୟର ସେହି ଦୋକାନ ଖଣ୍ଡକରୁ । ଯାହା ଫକୀର ମୋହନ ସେନାପତିଙ୍କ ଛ ମାଣ ଆଠଗୁଣ୍ଠ ଉପନ୍ୟାସରେ ମଧ୍ୟ ଗୋପିସାହୁର ଦୋକାନକୁ ପେଣ୍ଠସ୍ଥଳୀ ରୂପେ ଗ୍ରହଣ କରାଯାଇଛି। ଫକୀର ମୋହନ କହିଛନ୍ତି ଏହି ଦୋକାନ ବାରଣ୍ଡାରେ ଅନେକ ଲୋକ ଆଶ୍ରୟ ନେଇ ଗୋପାଳପୁର ଘାଟରେ ବିରୂପା ନଈ ପାର ହୋଇ କଟକ ଯାଉଥିଲେ।''ବିରୂପା ନଦୀକୂଳ ଗୋପାଳପୁର ଘାଟ,ଏହିଟି କଟକ ଯିବାର ଦାଣ୍ଡ ;ଲୋକମାନେ ଏହିଠାରେ ପାରି ହୁଅନ୍ତି। ଆଗେ ଗୋପାଳପୁର ଗ୍ରାମ ଏହିଠାରେ ଥିଲା,ଗଲା ଆଠଅଙ୍କ ଭୋଦୁଅ ଅଷ୍ଟମୀ ବଡ ବଢିରେ ଭାସିଯାଇଅଛି । ଗ୍ରାମ ଗଲାଣି, ନାମ ଯାଇନାହିଁ ''।ମହାଦେବପୁର ଗାଁର ଏକ ମାତ୍ର ଦୋକାନୀ ଦେବ ଆଚାର୍ଯ୍ୟ ଗାଁର ଗରାଖ ମାନଙ୍କୁ ସନ୍ତୁଷ୍ଟ କରି ରଖିବା ସହ ଗାଁ ମହାଦେବ ମନ୍ଦିରର ଠାକୁର ପୂଜା ପାଇଁ ପ୍ରତ୍ୟହ ପୂଜାସାମଗ୍ରୀ ଯୋଗାଇ ଥାଏ । ତେଣୁ ସେହି ଦୋକାନ ଦେବ ଆଚାର୍ଯ୍ୟ ପାଇଁ କେବଳ ଦୋକାନ ହୋଇ ନଥିଲା, ବରଂ ତାହା ଥିଲା ତାର ଆତ୍ମା ,ବଞ୍ଚିରହିବାର ସ୍ୱପ୍ନର ଅବତାର । ସେହି ଦୋକାନ ବାରଣ୍ଡାରେ ତାସ ଖେଳଠାରୁ ଆରମ୍ଭ କରି ଚିଲମ ଟଣା,ଗାଁ ଯାତ୍ରାପାର୍ଟିର ଅଭ୍ୟାସ,ଗାଁରେ ସମସ୍ୟା ଉପୁଜିଲେ ତାର ସମାଧାନ ଆଦି ସେସବୁ କାର୍ଯ୍ୟ ଏଠାରେ ସମାଧାନ କରାଯାଇଥାଏ। ଦେବ ଆଚାର୍ଯ୍ୟ ପ୍ରଥମେ ଦୋକାନୀ ହୋଇଛି ଏବଂ ପରିସ୍ଥିତିର ତାଡନାରେ ଦୁର୍ଭିକ୍ଷ ,ମରୁଡି ପରିସ୍ଥିତିକୁ ମୁକାବିଲା କରି ନ ପାରି ଗାଁ ମାଟି ଛାଡି ଚାଲିଯାଇଛି କଲିକତା। ଯିଏକି ଗାଁରୁ ପ୍ରଥମଥର ଲାଗି ବାହାରକୁ ଯାଇଛି । ସେଠାରେ ଦେବ ମିଷ୍ଟର ପରିତୋଷ ସିହ୍ନାଙ୍କ ଘରେ ପୂଜାରୀ କାମକୁ ଆଦରି ନେଇଛି । ପୂଜାରୀ କାମ କରୁକରୁ ସେଠାରେ ଶ୍ରୀମତୀ ସିହ୍ନାଙ୍କ ସହ ପ୍ରେମ ସମ୍ପର୍କ ସ୍ଥାପିତ ହୋଇଯାଏ । ଯାହାକୁ ଲକ୍ଷ୍ୟକରି ଶ୍ରୀମତୀ ସିହ୍ନା ସେ ଘର ଛାଡି ଚାଲି ଯିବାକୁ କହନ୍ତି । କାରଣ ସହମତି ଥିଲେ ମଧ୍ୟ ସେ ବିବାହିତା ନାରୀ । ମାତ୍ର ଦେବ ଆଚାର୍ଯ୍ୟ ସେହି ସମ୍ପର୍କକୁ ଜୀବନର ଶେଷ ପର୍ଯ୍ୟନ୍ତ ଭୁଲିପାରିନାହିଁ ।

ଏଠାରେ ଲକ୍ଷ୍ୟ କରିବାକୁ ହେବ ଯେ ଦେବ ଆଚର୍ଯ୍ୟ ମହାଦେବପୁରରେ ଦୋକାନୀ ଥିବାବେଳେ କଲିକତାରେ ହୋଇଛି ପୂଜାରୀ । ପୁଣି ଏହାପରେ ଯୋଗଦେଇଛି ଏକ ଯାତ୍ରାପାର୍ଟିରେ। ଯାତ୍ରାପାର୍ଟିରେ ଯୋଗଦେବା ସମୟରେ ତାଙ୍କୁ କେଉଁ ଭୂମିକାରେ ଅଂଶଗ୍ରହଣ କରିବାକୁ ଦିଆଯିବ ସେ ନେଇ ପ୍ରଶ୍ନ କରାଯିବାରୁ ସେ ସବୁ କରିପାରିବେ ବୋଲି କହିଥିଲା । ସେହି ସ୍ଥାନରେ ଏକ ଡାଇଲଗ ଉଚ୍ଚାରଣ କରିବାକୁ କହିବାରୁ ସେ ଶ୍ରୀମତୀ ସିହ୍ନାଙ୍କୁ ମନେପକାଇ ଅତିନିଖୁଣ ଭାବରେ ଅଭିନୟ କଲେ ଯାହାକୁ ଶୁଣି ସମସ୍ତେ ଚକିତ ହୋଇପଡିଥିଲେ। ଏହାପରେ ରାତି ରାତି ଉଜାଗର ରହି ସେ ଯାତ୍ରାପାର୍ଟିକୁ ସଫଳ କରାଇଛନ୍ତି। ଏସବୁ ଗଲା ଗୋଟିଏ ପଟର ଅଭିନୟ । ଏହାପରେ ଆରମ୍ଭ ହୁଏ ଜୀବନର ଦ୍ୱିତୀୟ ପର୍ଯ୍ୟାୟ ଅଭିନୟ। ଯାତ୍ରାପାର୍ଟିରୁ ପୁଣି ଗ୍ରାମାଭିମୁଖୀ ହୋଇ ଆସି ବିବାହ କରନ୍ତି ଇନ୍ଦୁ ନାମକ ଏକ ଶସ୍ତା ଫେସନ ବାଲା ଝିଅକୁ । ଯାହା ଫଳରେ କିଛି ବର୍ଷ ଅତିକ୍ରାନ୍ତ କରନ୍ତେ ଦେବ ଆଚାର୍ଯ୍ୟର ଅଗ୍ରଗତି ହେବା ପରିବର୍ତେ ଅବନ୍ନତି ହେବାକୁ ଲାଗିଛି । ଏହାରି ପଛରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ସ୍ତ୍ରୀ ଇନ୍ଦୁର ବ୍ୟବହାର। ପରିସ୍ଥିତି ଏପରି ଉପୁଜିଛି ଯାହାକୁ କି ଦେବ ଆଚାର୍ଯ୍ୟ ବିରୋଧ କରିପାରୁନାହିଁ କି ସହ୍ୟ ମଧ୍ୟ କରିପାରୁନାହିଁ। ଶେଷରେ ସେ ଅଥର୍ବ ମୂକ ସଦୃଶ ହୋଇଯାଇଛି।

ଦେବ ଆଚାର୍ଯ୍ୟର ସ୍ତ୍ରୀ ଇନ୍ଦୁ ପ୍ରଥମେ ପ୍ରଥମେ ଯେଉଁ ଭଲ ପାଇବା ଦେଖାଇଛି ପରବର୍ତ୍ତୀ ସମୟରେ ସେ ପ୍ରକୃତରେ ସେପରି ହୋଇନାହିଁ । ବିବାହ ପରେ ସେ ରୁମାଲ୍ ବୁଣି ସେଥିରେ ଲଭ ମି, କିସ୍ ମି ,ୟୁ ଏଣ୍ଡ ଆଇ ଟୁଗେଦର୍, ହାପି ଡେ ଏଣ୍ଡ ନାଇଟ୍ ଲେଖି ଉପହାର ଦେଇଛି । କିନ୍ତୁ ଅଳ୍ପଦିନ ମଧ୍ୟରେ ତାର ବ୍ୟବହାରରେ ପରିବର୍ତ୍ତନ ଘଟିଛି । ଯାହା ଫଳରେ ଦୋକାନ ବାରଣ୍ଡାରେ ପୂର୍ବଭଳି ଆଉ ଲୋକ ଆସି ବସିନାହାନ୍ତି କି ଦେବ ଆଚାର୍ଯ୍ୟ ମଧ୍ୟ କାହା ସହ ଭଲରେ କଥା ପଦକ ହୋଇପାରିନି । ଇନ୍ଦୁ ଶେଷରେ ଏତେ ତଳକୁ ଖସି ଯାଇଛି ଯେ ଯାହା ସମାଜର ଅତି ଘୃଣ୍ୟକାର୍ଯ୍ୟ ପରକୀୟା ପ୍ରୀତିକୁ ଆଦରି ନେଇଛି । ସେ ପୁଣି ନିଜ ପୁଅ ବୟସ୍କ ଯୁବକ ରାଧାକାନ୍ତ ସହିତ । ପ୍ରତିଟି କ୍ଷେତ୍ରରେ ସେ ଦେବ ଆଚାର୍ଯ୍ୟ ସାହାଯ୍ୟ ସହଯୋଗ କରିବା ପରିବର୍ତ୍ତେ କଳହ ସୃଷ୍ଟି କରିଛି । ଯାହା ଫଳରେ ଦାମ୍ପତ୍ୟ ଜୀବନ ସୁଖମୟ ହେବା ପରିବର୍ତ୍ତେ ଗୋଟାଏ ଅଶାନ୍ତ ଭାବ ଲାଗି ରହିଛି । ଏପରିକି ଶେଷରେ ଏକ ଅବୈଧ ସନ୍ତାନ ମଧ୍ୟ ଜନ୍ମ ଦେଇଛି। ଠିକ ଏହିଭଳି କାହାଣୀ ସୁରେନ୍ଦ୍ର ମହାନ୍ତିଙ୍କ ନୀଳଜ୍ୟୋସ୍ନା ଗଳ୍ପରେ ମଧ୍ୟ ଏହି ଚିତ୍ର ରହିଛି ,ସେ କହୁଛନ୍ତି ''ବିବାହ ସୃଷ୍ଟ

ହୋଇଥିଲା ସନ୍ତାନ ଜନ୍ମ ଓ ବଂଶରକ୍ଷା ପାଇଁ । ବିବାହରେ ତେଣୁ କେବଳ ଦେହର ସମ୍ପର୍କ। ସ୍ୱାମୀଙ୍କୁ ଭଲପାଏ କି ନାହିଁ ଅପେକ୍ଷା,ସ୍ୱାମୀ ଭଲ ଲାଗନ୍ତି କି ନାହିଁ,ପଚାରିଲେ ଅଧିକ ଯୁକ୍ତିସଂଗତ ହୁଅନ୍ତା।''

ଉପନ୍ୟାସର ଅନ୍ୟ ଏକ ସଫଳ ବ୍ୟକ୍ତି ହେଉଛନ୍ତି ଘନଶ୍ୟାମ ଦାଦା । ଏହି ଦାଦା ଗୋଟିଏ ପାଖରେ ଗାଁର ମୁରବୀ ଦାୟିତ୍ୱ ତୁଲାଇଥାନ୍ତି । ଅନ୍ୟପଟେ ସେ ମହାଦେବ ମନ୍ଦିରର ପୂଜା ଦାୟିତ୍ୱ ସମ୍ପାଦନ କରିବା ସହ ଗାଁର ଭଲମନ୍ଦ ,କଳିଗୋଳ ଆଦିକୁ ଅତି ସୁରୁଖୁରରେ ସମାଧାନ କରାଇଦିଅନ୍ତି । ଗାଁରେ ମରୁଡି ପଡିଲେ ଲୋକମାନେ ଦାଦାଙ୍କ ପାଖରୁ ମହାଦେବ ମନ୍ଦିରର ସମ୍ପତ୍ତି ନେଇ ଲୋକଙ୍କୁ ଦେଉଥିଲେ । କାହାର ସୁବିଧା ହେଲେ ତାହା ଫେରାଉଥିଲେ ଯିଏ ପାରୁ ନ ଥିଲେ ସେ ତାକୁ ସେପରି ମଧ୍ୟ ଋଣମୁକ୍ତ କରି ଦିଅନ୍ତି। ଗାଁ ସ୍କୁଲ ମାଧ୍ୟମରେ ପିଲାମାନେ କିପରି ଶିକ୍ଷିତ ହୋଇପାରିବେ ସେ ତାହା ଚିନ୍ତା କରି ସ୍କୁଲ୍ ମାଷ୍ଟରଙ୍କୁ ତାଙ୍କ ଘରେ ଆଶ୍ରୟ ଦେଇ ଶିକ୍ଷାଦାନର ବ୍ୟବସ୍ଥା କରାଇଥିଲେ । ତେବେ ସେ ସମୟରେ ଯେଉଁ ଦୁଇଜଣ ଶିକ୍ଷକ ଥିଲେ ସେମାନେ ହେଲେ ଶଙ୍କର୍ଷଣ ମାଷ୍ଟ୍ର ଓ ପୁତ୍ର ଗୋବିନ୍ଦ। ଗାଁ ଗାଁ ବୁଲି ବିଭିନ୍ନ ଗ୍ରାମର ଚାଟଶାଳୀ ମାନଙ୍କରେ ଶିକ୍ଷା ଦେବାକୁ ଯାଉଥିଲେ ଶଙ୍କର୍ଷଣ ମାଷ୍ଟ୍ର । ତାଙ୍କର ଦୁଇଜଣ ସଫଳ ଶିଷ୍ୟ ହେଉଛନ୍ତି ଘନଶ୍ୟାମ ଦାଦା ଓ ଦେବ ଆଚାର୍ଯ୍ୟ । ଏହି ଦୁଇଜଣଙ୍କୁ ହିଁ ସେ ସଠିକ୍ ଶିକ୍ଷା ଦେଇପାରିଥିବାର ପ୍ରମାଣ ମିଳେ । ଶଙ୍କର୍ଷଣ ମାଷ୍ଟ୍ରଙ୍କ ଶିକ୍ଷାଦାନ ଥିଲା ସେଚ୍ଛାକୃତ । ସେ କୌଣସି ବେତନ ଆଶା ନ ରଖି କେବଳ ଚାଟଶାଳୀ ମାନଙ୍କରେ ଶିକ୍ଷାପ୍ରଦାନ କରୁଥିଲେ। ଏଣୁ ପାଖାପାଖି ଗାଁ ମାନଙ୍କରେ ତାଙ୍କର ଯଥେଷ୍ଟ ଖ୍ୟାତି ଥିଲା । ମାତ୍ର ପରବର୍ତ୍ତୀ ସମୟରେ ତାଙ୍କ ମୁହଁରେ କାଳି ବୋଳି ଦେଇଛି ତାଙ୍କ ପୁଅ ଗୋବିନ୍ଦ । ପିତା ଶଙ୍କର୍ଷଣ ର ଯେଉଁ ନୀତି ଆଦର୍ଶ ଥିଲା ପୁଅ ଗୋବିନ୍ଦ ଅଷ୍ଟମ ଶ୍ରେଣୀ ପାସ୍ କରି ମାଇନର ସ୍କୁଲରେ ଶିକ୍ଷକ ହୋଇ ମଧ୍ୟ ସେପରି ହୋଇପାରିନି । ସେଶିକ୍ଷକ ହୋଇ ବି ଏକ ଅପ୍ରାପ୍ତ ବୟସ୍କା ଯୁବତୀ କୁ ଧର୍ଷଣ କରି ତିନି ବର୍ଷ ଜେଲଦଣ୍ଡ ଭୋଗିଛି । ଏହା ହେଉଚି ପିତା ଓ ପୁତ୍ରଙ୍କ ଶିକ୍ଷକ ଭୂମିକାର ଚିତ୍ର ।

ଏହି ଉପନ୍ୟାସରେ ଆଉ ଏକ ପ୍ରକାର ଅଭିନୟ ଦେଖିବାକୁ ପାଇଥାଉ ଯାହା କାହାଣୀକୁ ଗତିମୁଖର କଲାଭଳି ଅଭିନୟ ସେ ହେଉଛି ଖଳନାୟକ ଭୂମିକା । କୌଣସି ପାଠଶାଠ ନ ପଢି ଗାଁରେ ବେକାର ହୋଇ ବୁଲୁଥିବା ଯୁବକକୁ ପଂଚାୟାତ ମେମ୍ବର ହିସାବାରେ ଘନଶ୍ୟାମ ଦାଦା ଓ ଶଙ୍କର୍ଷଣ ମାଷ୍ଟ୍ର ପଠାନ୍ତି। ଯଦିଓ ଗ୍ରାମବାସୀମାନେ ପ୍ରଥମେ ଏହାକୁ ମନା କରୁଥିଲେ ତଥାପି ଗାଁ ମୁଖିଆଙ୍କ ନିର୍ଦ୍ଦେଶରେ ପଠାଯାଏ । ମାତ୍ର ପରବର୍ତ୍ତୀ ସମୟରେ ଦେଖାଦେଇଛି ସେ ଆଙ୍ଗୁଠି ଦେଖାଇ ବାହା ଗିଳିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପଂଚାୟାତ ମେମ୍ବର ହୋଇ ଗାଁ ଲୋକଙ୍କୁ ସାହାଯ୍ୟ ସହଯୋଗ କରିବା ପରିବର୍ତ୍ତେ ଲୁଣ୍ଠନ, ଶୋଷଣ, ଅତ୍ୟାଚାର , ମିଛ, ଲାଂଚକୁ ପ୍ରଶୟ ଦେଇଛି । ଏପରିକି ନିଜ ନାମ ମଧ୍ୟ ବଦଳାଇ କୁମରରୁ କୁଳମଣି ବାବୁ କରିଦେଇଛି। କ୍ରମଶଃ ପଂଚାୟତ ମେମ୍ବରରୁ ହୋଇଛି ବ୍ଲକ ପ୍ରେସିଡେଣ୍ଟ। ସେତେବେଳେ ସେ ଆଉ ରକ୍ଷକ ହୋଇ ରହିନାହିଁ ,ବରଂ ସାଜିଛି ଭକ୍ଷକ। ଯେତେପ୍ରକାର ଅନିୟମତା,ଅମାନୁଷିକ ଭଳି କାର୍ଯ୍ୟକୁ ହାତେଇ ନେଇଛି ।

ଆଉ ଏକ ପ୍ରକାର ଅଭିନୟ ଦେଖିବାକୁ ପାଇବା ଯାହାକୁ କି କୂଟନୈତିକ ବା ବିଶ୍ୱାସଘାତକତା କହିଲେ ଅତ୍ୟୁକ୍ତି ହେବନାହିଁ। ଏପରି ଜଣେ ଜଣେ ବ୍ୟକ୍ତି ଥାନ୍ତି ଯେଉଁମାନେ କି ଉପରକୁ ସରଳ ବିଶ୍ୱାସୀ ମନେ ହେଉଥିଲେ ମଧ୍ୟ ଭିତରେ ଭିତରେ ଅନେକ କୂଟକପଟତାରେ ଭରି ରହିଥାନ୍ତି । କେବଳ ମାତ୍ର ସୁଯୋଗ ପାଇଲେ ସବୁ ବଦଳାଇ ଦିଅନ୍ତି । ନିମାଇଁ ଦୁଇଦୁଇ ଥର ମାଟ୍ରିକ ପରୀକ୍ଷାରେ ଫେଲ୍ ହେବା ପରେ ଏକ ଝିଅ ସହ ପଳାଇବାର ଯୋଜନା ମଧ୍ୟ ଥିଲା । ମାତ୍ର ତାହା ଭଣ୍ଡୁର ହେବା ପରେ କେବେ କେମିତି ଟ୍ରେନିଂ ପାଇ ଇଂଜେକ୍ସନ ନେବା ଶିଖି ଔଷଧ ବ୍ୟବସାୟ ଆରମ୍ଭ କରେ । ଠିକ୍ ଏହି ସମୟରେ ଘନଶ୍ୟାମ ଦାଦା ମଧ୍ୟ ତାକୁ ମନ୍ଦିରର ପୂଜା ଦାୟିତ୍ୱ ଦିଅନ୍ତି । ପୁଣି ପରେ ଦୋକାନଟିଏ ମଧ୍ୟ ଆରମ୍ଭ କରିଛି । ଫଳରେ ଗରାଖ ମାନେ ଦେବ ଆଚାର୍ଯ୍ୟ ଦୋକାନକୁ ନ ଯାଇ ନିମାଇ ଦୋକାନ ଆଡକୁ ଅଧିକ ମୁହାଁଇଛନ୍ତି । ତେଣୁ ସମ୍ପୂର୍ଣ ରୁପେ ଦେବ ର ଜୀବନ ନାଟିକା ସଦୃଶ ଦୋକାନଟି ବନ୍ଦ ହୋଇଯାଇଚି । ମାତ୍ର ଅଳ୍ପ ଦିନପରେ ଏହାର ଦୋକାନର ଅସଲ ମୁଖା ଲୋକଙ୍କ ସାମ୍ନାକୁ ଆସିଯାଇଛି । ଜିନିଷର ଅପମିଶ୍ରଣ ,ଓଜନର ତାରତମ୍ୟ ଯୋଗୁଁ ଗରାଖମାନଙ୍କ ଅସନ୍ତୁଷ୍ଟର କାରଣ ପାଲଟିଛି ।

ସେହିପରି ଜଣେ ବିବାହିତା ନାରୀ ବିବାହ ପରେ ତାର ଭୂମିକା ଥାଏ ସ୍ତ୍ରୀ/ଭାର୍ଯ୍ୟା/ ସହଧର୍ମିଣୀ ଭାବରେ । କିନ୍ତୁ ଏପରି ପରିସ୍ଥିତି ଉପୁଜିଛି ଯେ ବିବାହିତା ନାରୀଟିଏ ମଧ୍ୟ ଅନ୍ୟ ପୁରୁଷ ପ୍ରତି ଆକର୍ଷିତ ହୁଏ । ସ୍ତ୍ରୀଟି ବିବାହ କରିସାରିବା ପାରେ ସ୍ୱାମୀର ମଂଗଳ ସାଧନା କରିବା କଥା, କିନ୍ତୁ ଆଧୁନିକ ଯୁଗର ନାରୀ ନିଜର ଦେହର କ୍ଷୁଧା ମେଇଟାଇବା ପାଇଁ ପରପୁରୁଷ ପ୍ରତି ଆକର୍ଷିତ ହୁଅନ୍ତି। ଏଠାରେ ଦୁଇଟି ନାରୀ ଚରିତ୍ର ଭିନ୍ନଭିନ୍ନ ଦିଗରେ ଗତି କରିଛନ୍ତି ଜଣେ ପରପୁରୁଷ ପ୍ରତି ଆକର୍ଷିତ ହୋଇ ମଧ୍ୟ ନିଜର ସୀମା ଅତିକ୍ରମ କରି ପାରିନଥିବା ବେଳେ ଆଉଜଣେ ସୀମା ଅତିକ୍ରମ କରି ପରକୀୟା ପ୍ରୀତିକୁ ଆଦରି ନେଇଚି । ଶ୍ରୀମତୀ ସିହ୍ନା ଶ୍ରୀଯୁକ୍ତ ପରିତୋଷ ସିହ୍ନାଙ୍କୁ ବିବାହ କରି ଜାଣନ୍ତି ଯେ ଉତ୍ତର ପୁରୁଷ ସୃଷ୍ଟି କରିବା କ୍ଷମତା ନାହିଁ ,ଏପରିକି ମିଃ ସିହ୍ନା ମଧ୍ୟ କ୍ୱଚିତ ଘରକୁ ଆସୁଥିଲେ ସେଠାରେ ଦେବ ଆଚାର୍ଯ୍ୟ ଚାକର ରହିବା ପରେ ତା ବ୍ୟବହାରରରେ ଆକୃଷ୍ଟ ହୁଅନ୍ତି ଶ୍ରୀମତୀ ସିହ୍ନା । ଏପରିକି ସେ କିପରି ଅଧିକରୁ ଅଧିକ ସୁନ୍ଦର ଦେଖାଯିବ

ସେତିପ୍ରତି ଧ୍ୟାନ ଦେଇ ତାକୁ ପୋଷାକ ପରିଧାନ ଠାରୁ ଆରମ୍ଭ କରି ନିଶଦାଢି କାଟିବାକୁ ପରାମର୍ଶ ମଧ୍ୟ ଦେଇଛନ୍ତି । ମାତ୍ର ଯେତେବେଳେ ଶ୍ରୀମତୀ ସିହ୍ନା ବୁଝିପାରନ୍ତି ଯେ ସେ ଜଣେ ବିବାହିତା ନାରୀ ,ସେତେବେଳେ ସେ ଦେବ ଆଚାର୍ଯ୍ୟଙ୍କୁ ଚାଲିଯିବାକୁ ପରାମର୍ଶ ଦେଇଚନ୍ତି । ଦେବ ଆଚାର୍ଯ୍ୟ କିନ୍ତୁ ଶ୍ରୀମତୀ ସିହ୍ନାଙ୍କୁ ଜୀବନର ଶେଷ ପର୍ଯ୍ୟନ୍ତ ଭୁଲି ପାରିନାହାନ୍ତି । ସବୁ ବାକ୍ୟରେ କମା,ପୂର୍ଣଛେଦ ପରେ ଆଉ ଗୋଟିଏ ବାକ୍ୟ ଆରମ୍ଭ ହେଲା ପରି ଦେବ ଆଚାର୍ଯ୍ୟ ଜୀବନରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି । ଶ୍ରୀମତୀ ସିହ୍ନାଙ୍କ ସ୍ୱପ୍ନ ଯେଉଁଠି ଶେଷ ହେଇଛି ଦେବ ଆଚାର୍ଯ୍ୟଙ୍କ ସ୍ୱପ୍ନ ସେଇଠୁ ଆରମ୍ଭ । ଠିକ୍ ସେହିପରି ଅନ୍ୟପାଖରେ ଇନ୍ଦୁ ବିବାହିତା ନାରୀଟିଏ ଶ୍ରୀମତୀ ସିହ୍ନାଙ୍କ ସ୍ୱପ୍ନ ଯେଉଁଠି ଶେଷ ହେଇଛି ଦେବ ଆଚାର୍ଯ୍ୟଙ୍କ ସ୍ୱପ୍ନ ସେଇଠୁ ଆରମ୍ଭ । ଠିକ୍ ସେହିପରି ଅନ୍ୟପାଖରେ ଇନ୍ଦୁ ବିବାହିତା ନାରୀଟିଏ ହୋଇଥିଲେ ମଧ୍ୟ ନିଜର ସତୀତ୍ୱକୁ ବଂଚାଇ ରଖିପାରିନାହିଁ । ବରଂ କରିଛି ପରକୀୟା ପ୍ରୀତି ।

ତେବେ ମୋଟାମୋଟି ଭାବରେ ଦେଖିବାକୁ ଗଲେ ଆମେ ପାଉ ଯେ ଏହି ସଂସାର ରୂପକ ରଂଗମଂଚର ପଥରେ ଯାତ୍ରୀ ବା ଅଭିନୟ କେତେ କେଳେଙ୍କାରୀ ହୋଇପାରେ। ଏଠାରେ କିଏ ସତ୍ ମାର୍ଗରେ ଗଲାବେଳେ ଆଉ କେହି ଅସତ ମାର୍ଗକୁ ଆପଣେଇ ସମାଜରେ ପ୍ରତିଷ୍ଠିତ ହେବାକୁ ଚେଷ୍ଟା କରିଛି। ମାତ୍ର ଶେଷ ପରିଣତିରେ ସେସବୁ ସମାଜ ଆଗରେ ଧରାପଡିଯାଇଛି। କେହି କୌଣସି ଜିନିଷକୁ ଠକି ଦେଇ ଯାଇ ପାରିନାହାନ୍ତି । ନାୟକ,ଖଳନାୟକ,ଆଦର୍ଶ ଚରିତ୍ର,ଶିକ୍ଷକ,କୂଟନୀତିଜ୍ଞ ସମସ୍ତେ ନିଜ ନିଜ ପରିଧି ମଧ୍ୟରେ ହିଁ ଅଭିନୟ କରିଛନ୍ତି। ଯାହାକି ସେହି ପରିଧି/ ପରିସର ଡେଇଁଲେ ତାହାର କୌଣସି ଭୂମିକା ରହିନି। ଏଠାରେ ଦେଖିବାକୁ ମିଳିଛି ଯେ ଆମେ ସମସ୍ତେ ନିଜନିଜ ପରିସରକୁ ଡେଇଁ କେବେ ହେଲେ ବଂଚିପାରିବା ନାହିଁ। କାରଣ ସେସବୁ ଦିଗକୁ ସମାଜ ସ୍ୱୀକୃତି ଦେବନାହିଁ। ସଂସାରର ନିୟମ ଡେଇଁ ଯିଏ ବି ନୂଆ କିଛି କରିବାକୁ ପଦକ୍ଷେପ ନେଇଛି ସେ ଏଭଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡିବ।

**ସହାୟକ ଗ୍ରନ୍ଥସୂଚୀ :**


୧. ବେହେରା ରାମଚନ୍ଦ୍ର,ଅଭିନୟର ପରିଧି;୨ୟ ସଂସ୍କରଣ-୨୦୦୨,ବିଦ୍ୟାପୁରୀ,କଟକ-୭୫୩୦୦୨।

୨. ପଟ୍ଟନାୟକ ପଠାଣି,ଉପନ୍ୟାସ ସାହିତ୍ୟର ପରିଚୟ ;୨ୟ ଭାଗ,୨ୟ ସଂସ୍କରଣ -୨୦୧୯,ଓଡିଶା ବୁକ୍‌ଷ୍ଟୋର,କଟକ-୭୫୩୦୦୨।

୩. ପ୍ରଧାନ ବିଭୂତିଭୂଷଣ ,ଅଭିନୟର ପରିଧିରେ ଚିତ୍ର ଓ ଚରିତ ;୨୦୧୩,ପକ୍ଷୀଘର ମହାପୂଜା ।

୪. ସେନାପତି ଫକୀର ମୋହନ, ଛ ମାଣ ଆଠଗୁଣ୍ଠ-୧୯୯୦,ବୁକସ ଏଣ୍ଡ ବୁକସ,ବିନୋଦ ବିହାରୀ କଟକ-୭୫୩୦୦୨।

୫. ମହାନ୍ତି ସୁରେନ୍ଦ୍ର ,ମରାଳର ମୃତ୍ୟୁ;୬ଷ୍ଠ ସଂସ୍କରଣ-୨୦୧୯,କଟକ ଷ୍ଟୁଡେଂଟ ଷ୍ଟୋର,ବାଲୁବଜାର,କଟକ-୭୫୩୦୦୨।


❖ ❖ ❖